## ଟ୍ରକ୍ ଧକ୍କାରେ ମାନସିକ ରୋଗୀଙ୍କ ମୃତ୍ୟୁ

ପାଟଣା,(ସ୍ୱ. ପ୍ର.): କେନ୍ଦୁଝର ଜିଲା ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ତୁରୁମୁଙ୍ଗା ବଜାରରେ ଗୁରୁବାର ଏକ ଟ୍ରକ୍ ଧକ୍କାରେ ଜଣେ ମାନସିକ ରୋଗୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରମୋଦ ନାଏକ। ତାଙ୍କ ଘର ନିହୁଆ ଗ୍ରାମରେ। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଥିବା ଟ୍ରକ୍ ଡ୍ରାଇଭରକୁ ତୁରୁମୁଙ୍ଗା ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ଏନେଇ ପୋଲିସ ଏକ ମାମଲା (ନଂ.୩/୨୧) ରୁଜୁ କରିଛି।

## ସଂକ୍ଷେପରେ

### ଟ୍ରକ୍‌କୁ ଧକ୍କା ଦେଲା ହାଇୱା: ଚାଳକ ଗୁରୁତର

ଯୋଡ଼ା, ୬।୧ (ଡି.ଏନ.ଏ.): କେନ୍ଦୁଝର ଜିଲା ୫୨୦ ନଂ. ଜାତୀୟ ରାଜପଥର କାର୍ଯ୍ୟ ସରିବାକୁ ବସିଥିବା ବେଳେ ବେପରୁଆ ଗାଡି ଚାଳନା ଯୋଗୁ ଏହି ରାଜପଥରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ରାଜପଥର ରଣାଶାଳ ଘାଟିଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଲୁହାପଥର ବୋଝେଇ ହାଇୱା ଅନ୍ୟ ଏକ ଲୁହାପଥର ବୋଝେଇ ଟ୍ରକ୍‌କୁ ପଛପଟୁ ଧକ୍କା ଦେବା ଫଳରେ ହାଇୱାଟି ରାସ୍ତା କଡ଼କୁ ଖସିପଡିଥିଲା। ଟ୍ରକ୍ ଚାଳକ ବାଲେଶ୍ୱର ମୁଣ୍ଡା ଗୁରୁତର ଅବସ୍ଥାରେ ଥିବା ବେଳେ ଯୋଡ଼ା ପୋଲିସ ଏବଂ ସ୍ଥାନୀୟ ଲୋକଙ୍କ ୩ ଘଣ୍ଟାର ପ୍ରଚେଷ୍ଟା ପରେ ଚାଳକଙ୍କୁ ଗ୍ୟାସ କଟରରେ କ୍ୟାବିନ କାଟି ଉଦ୍ଧାର କରାଯାଇଥିଲା। ଚାଳକଙ୍କୁ ସ୍ଥାନୀୟ ଟାଟା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ବ୍ୟବସାୟିକ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ

ପଦ୍ମପୁର, ୬।୧ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତ ବୀଣାଦଣ୍ଡା ଗ୍ରାମର ସଞ୍ଜୟ ନାୟକ ନାମକ ଯୁବକଙ୍କୁ ବ୍ୟବସାୟିକ ଶତ୍ରୁତାକୁ ନେଇ ବୁଧବାର ମରଣାନ୍ତକ ଆକ୍ରମଣ କରାଯାଇଛି। ସଞ୍ଜୟଙ୍କ ଅଭିଯୋଗ କ୍ରମେ ନାୟକାଣିଡିହୀ ଥାନାରେ ୪ ଜଣଙ୍କ ନାମରେ ମାମଲା (ନଂ.୪/୨୨) ରୁଜୁ ହୋଇଛି। ସଞ୍ଜୟଙ୍କ ଅଭିଯୋଗ ଅନୁଯାୟୀ, ସେ ଦୀର୍ଘଦିନ ଧରି ଅଞ୍ଚଳରେ କେବୁଲ ବ୍ୟବସାୟ କରିଆସୁଛନ୍ତି। ଗତ କିଛିଦିନ ଧରି ବହୁପୋଖରୀ ଗ୍ରାମର ଦୁଇ ଯୁବକ ଅନ୍ୟ ଏକ କେବୁଲ ଅପରେଟରଙ୍କଠାରୁ କନେକ୍ସନ ନେବା ପାଇଁ ଉପଭୋକ୍ତାମାନଙ୍କୁ ପ୍ରବର୍ତ୍ତାଇଥିଲେ। ହେଲେ ଦୀର୍ଘଦିନ ଧରି ଲୋକେ ତାଙ୍କ ସହ ସମ୍ପର୍କରେ ଥିବାରୁ ସେମାନଙ୍କ କଥାରେ ରାଜି ହୋଇ ନ ଥିଲେ। ଫଳରେ ସେମାନେ ତାଙ୍କ ଉପରେ ରାଗ ରଖିଥିଲେ। ବୁଧବାର ଅପରାହ୍ନରେ ସେ ତାଙ୍କର କେତେକ ସହଯୋଗୀଙ୍କ ସହ ତମ୍ପାଖଣ୍ଡି ପୋଲଠାରେ କେବୁଲ ମରାମତି କରୁଥିଲେ। ଏହି ସମୟରେ ଅଭିଯୁକ୍ତମାନେ ରଡ୍, ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ।

### ଆରମ୍ଭ ହେଲା କୁମ୍ଭୀର ଗଣନା

ବାରିପଦା ଅଫିସ,୬।୧- ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ୧୪ଟି ନଦୀ ଓ ନାଳରେ ବୁଧବାରଠାରୁ କୁମ୍ଭୀର ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ବିଭାଗର ୧୮ଟି ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସକାଳ ୮ଟାରୁ ବିଭାଗୀୟ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ପହଞ୍ଚି ଗଣନା କରୁଛନ୍ତି। ୩ ଦିନ ଧରି ଏହା ଚାଲିବାକୁ ଥିବା ବେଳେ ଶୁକ୍ରବାର ଶେଷ ହେବ। ଶିମିଳିପାଳ ଅଭୟାରଣ୍ୟ ଏବଂ ଶିମିଳିପାଳ ଜୈବମଣ୍ଡଳରୁ ବାହାରିଥିବା ଦେଓ, ବୁଢ଼ାବଳଙ୍ଗ, ଖଇରୀ, ଭଣ୍ଡନ, ସାଳନ୍ଦୀ, ଖଡ଼ଖାଇ, ଠକ୍‌ଠକି ନଦୀ ସହିତ ଉପର ବାର୍‌ହା କାମୁଡ଼ା, ଜେନାବିଲ, ପିଠାବଟା,ନଅାଁଣା, ଉତ୍ତର ନଅାଁଣା, ଦକ୍ଷିଣ ନଅାଁଣା, କରଞ୍ଜିଆ ଓ ବାରିପଦା ବନଖଣ୍ଡ ଅଧୀନରେ ପ୍ରବାହିତ ନଦୀରେ କୁମ୍ଭୀର ଗଣନା କାର୍ଯ୍ୟ ଚାଲିଛି। ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ମଧ ଗଣନା କରାଯାଉଛି। ୧୯୭୯ରେ ଏହି ପ୍ରଜନନ କେନ୍ଦ୍ର ସ୍ଥାପିତ ହୋଇଥିବା ବେଳେ ସେତେବେଳେ ଚେନ୍ନାଇରୁ ୨୪ଟି ମାଈ ଓ ପୁରୁଷ କୁମ୍ଭୀର ଅଣାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି କେନ୍ଦ୍ରରେ ୧୫ଶହ ଅଣ୍ଡାରୁ ଜାତ ୭ଶହ କୁମ୍ଭୀରଙ୍କୁ ପୂର୍ବ ଓ ପଶ୍ଚିମ ଦେଓ, ଖଇରୀ, ବୁଢ଼ାବଳଙ୍ଗ ଓ ପଳପଳା ନଦୀରେ ଛଡ଼ା ଯାଇଥିଲା । ସୂଚନା ଥାଉକି, ୨୦୧୯ପର୍ଯ୍ୟନ୍ତ କୁମ୍ଭୀରଙ୍କ ସଂଖ୍ୟା ୭୭ ଥିବା ବେଳେ ଗତ ବର୍ଷ ଗଣନାରେ ୮୪କୁ ବୃଦ୍ଧି ପାଇଥିଲା ।

### ବିଦ୍ୟୁତ୍ ବିଭାଗର ନିଷ୍ପା ଶିବିର

ରୂପସା, ୬।୧(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅଧୀନ ଶ୍ରୀରାମପୁର ପଞ୍ଚାୟତ ହଳଦୀପାଳ ବଜାରରେ ଗୁରୁବାର ବସ୍ତା ବିଦ୍ୟୁତ ବିଭାଗ ପକ୍ଷରୁ ନିଷ୍ପା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପଭୋକ୍ତାମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥିଲା। ଗ୍ରାହକମାନଙ୍କର ତ୍ରୁଟିପୂର୍ଣ୍ଣ ବିଲ୍ ସଂଶୋଧନ, ନୂତନ ସଂଯୋଗର ପଞ୍ଜିକରଣ, ବିଦ୍ୟୁତ ବିଲ୍ ପାଇ ନ ଥିବା ଗ୍ରାହକମାନଙ୍କୁ ବିଲ୍ ସୁବିଧା, ବିଦ୍ୟୁତ ଦେୟ ଆଦାୟ, କିସ୍ତି ମାଧମରେ ପେମେଣ୍ଟର ସୁବିଧା ଓ ବିଲ୍ ତଥ୍ୟର ସଂଶୋଧନ ଆଦି ସମସ୍ୟାର ସମାଧାନ କରାଯାଇଥିଲା। ଲିଡ଼ ଇଞ୍ଜିନିୟର ବିକାଶ ମିଶ୍ର, ଜେଏମ୍‌ଏଫ୍ ସୌରଭ ରାଉତ, ଦେବାୟନ ବେହେରା, ବ୍ରଜବିହାରୀ ବାଗ, ଜେଇ ଗୌରୀଶଙ୍କର ବାଗ, ଅଜୟ କୁମାର ମହାପାତ୍ର, ଜୀବନ ବେହେରା ଓ ଶୁଭେନ୍ଦୁ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ଶିବିରରେ ମୋଟ ୪୬ଜଣ ଉପଭୋକ୍ତା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପଞ୍ଜିକରଣ କରିଥିଲେ।

# ବିଧାୟକ-ସରପଞ୍ଚଙ୍କ ସମର୍ଥକ ମୁହାଁମୁହିଁ

## ଭତ୍ତା ବଣ୍ଟନକୁ ନେଇ ଗଣ୍ଡଗୋଳ

ବାଲେଶ୍ୱର ଅଫିସ, ୬।୧

ବାଲେଶ୍ୱର ସଦର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଏଥିରେ ବିଧାୟକ ଉପସ୍ଥିତ ରହି ଭତ୍ତା ବଣ୍ଟନ କରୁଥିବା ବେଳେ କସିପଦା ଓ ବାହାବଳପୁର ସରପଞ୍ଚ ପହଞ୍ଚି ସେମାନଙ୍କୁ ନିମନ୍ତ୍ରଣ ଦେଇ ନ ଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ବିଧାୟକ ଓ ସରପଞ୍ଚଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

ଘଟଣାରୁ ପ୍ରକାଶ, ସଦର ବ୍ଲକର ୩୭ ପଞ୍ଚାୟତର ୬୬୬ ଜଣ ହିତାଧିକାରୀଙ୍କୁ ନୂଆ ଭତ୍ତା ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ସିଦ୍ଧାନ୍ତ କରାଯାଇଛି। କୋଭିଡ୍ ନିୟମକୁ ପାଳନ କରି ପ୍ରତି ପଞ୍ଚାୟତରେ ୧୫ଜଣ ଲେଖାଏଁ


ଗଣ୍ଡଗୋଳ ପରେ ବିଧାୟକ ସ୍ୱରୂପ କୁମାର ଦାସ ଆଲୋଚନା କରୁଛନ୍ତି।

ହିତାଧିକାରୀଙ୍କୁ ଡକାଯାଇ ଭତ୍ତା କାର୍ଡ଼ ବଣ୍ଟନ କରାଯାଉଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉପସ୍ଥିତ ରହି ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଥିଲେ। ଏହି ସମୟରେ କସିପଦା ସରପଞ୍ଚ ଅନିତା ବେହେରା ଓ ବାହାବଳପୁର ପଞ୍ଚାୟତର ସରପଞ୍ଚ ରଶ୍ମିତା ମଣ୍ଡଳ ଉକ୍ତ ସ୍ଥାନରେ ପହଞ୍ଚି ତାଙ୍କ ପଞ୍ଚାୟତର ହିତାଧିକାରୀଙ୍କୁ ସୂଚନା ଦିଆଯାଇ ନ ଥିବା ଅଭିଯୋଗ କରିଥିଲେ। ପରେ ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର (ବିଏସ୍‌ଏସ୍‌ଓ)ଙ୍କୁ ପଚାରିଥିଲେ। ବିଡିଓ ତାଙ୍କୁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ପାଳନ କରିଛନ୍ତି ବୋଲି କହି ସେ ଖସିଯିବା ପରେ ବିଡିଓଙ୍କ ପାଖକୁ ଯାଇ ପଚାରିବାରୁ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ କାରଣରୁ ଉଭୟ ବିଧାୟକ ଓ ସରପଞ୍ଚଙ୍କ ସମର୍ଥକମାନେ ଠେଲାପେଲା ଓ ପାଟିତୁଣ୍ଡ ଲାଗି ୨ଘଣ୍ଟା ଧରି ଉଭୟ ପକ୍ଷ ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚେଷ୍ଟା କରିଥିଲା। ଶେଷରେ ବ୍ଲକ ଚେୟାରମ୍ୟାନ୍ ନାରାୟଣ ପ୍ରଧାନ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିଥିଲେ। ପରସ୍ପର ନିଜର ଭୁଲ୍ ସ୍ୱୀକାର କରି ହିତାଧିକାରୀମାନେ କିପରି ଭାବେ ଭତ୍ତା ପାଇବେ ସହଯୋଗରେ କାମ କରିବେ ବୋଲି ସିଦ୍ଧାନ୍ତ ନେଇ ଧାରଣାରୁ ଓହରିଥିଲେ।

# ଗଛକଟାକୁ ନେଇ ବିବାଦ


ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ।

କେନ୍ଦୁଝର, ୬।୧ (ସ୍ୱ.ପ୍ର.)

କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ମୋଟିଟାଙ୍ଗିରି ଗ୍ରାମ ପାତ୍ରସାହି ନିକଟସ୍ଥ ଅରଡେଇ ନଦୀକୂଳରେ ଥିବା ଗଛ କଟାକୁ ନେଇ ବିବାଦ ଦେଖାଦେଇଛି । ଏହିଠାରୁ ଥିବା ବହୁ ପୁରୁଣା ଲିମ୍ବ ଓ କଇମ ଗଛକୁ ସ୍ଥାନୀୟ ଦୁଇ ଜଣ ଲୋକ କାଟି ନେଇଥିବା ଅଭିଯୋଗ କରିଛନ୍ତି। ଏନେଇ ପ୍ରତିବାଦ କରିବାକୁ ସେମାନେ ଗାଳି ଗୁଲଜ କରୁଥିବାରୁ ବାଧ ହୋଇ ଡିଏଫଓଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଉକ୍ତ ଗଛର ଡାଳକୁ ସେମାନଙ୍କ କୂଳଦେବୀ କରମା ଦେବୀଙ୍କ ଠାରେ ପୂଜାରେ ବ୍ୟବହାର କରିଆସୁଥିଲେ। ତେବେ ବାରଣ ସତ୍ତ୍ୱେ ସେମାନେ ଉକ୍ତ ଗଛକୁ କାଟି ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ମିଳିବା ପରେ ସେମାନେ ଫେରିଛନ୍ତି। ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣକୁ ଗୁରୁତ୍ୱ ଦିଆଯାଉଥିବାବେଳେ କୋଡିଏ ବର୍ଷ ପୁରୁଣା ଦୁଇଟି ଗଛକୁ କିପରି କଟାଗଲା ସେ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ନିବେଦନ କରିଛନ୍ତି । ଗ୍ରାମର ରବୀନ୍ଦ୍ର ପାତ୍ର, ଲକ୍ଷ୍ମୀଧର ପାତ୍ର, ଦିଲୀପ କୁମାର ପାତ୍ର, ଚନ୍ଦନ ପାତ୍ର ପ୍ରମୁଖ ଡିଏଫଓଙ୍କ ଅଫିସ ଆସି ଅଭିଯୋଗ ପତ୍ର ଦେଇଛନ୍ତି ।

# ଏମ୍‌ପି, ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ


ଉଦ୍‌ଘାଟନ ଅବସରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

ପଦ୍ମପୁର, ୬।୧(ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଦ୍ୱାରା ବୁଧବାର ସନ୍ଧ୍ୟାରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ପ୍ରଥମେ ଏମ୍‌ପି ଓ ବିଧାୟକଙ୍କ ହାତପାଣ୍ଠିରୁ ବାରିକଛକରୁ ଇଚ୍ଛାପୁର ଛକ ପର୍ଯ୍ୟନ୍ତ ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟନ କରାଯାଇଥିଲା। ଏହାପରେ ବରାଙ୍ଗ ଗ୍ରାମରେ ବସୁଧା ଯୋଜନାରେ ଓଭରହେଡ୍ ଟାଙ୍କି, ଗୋରାମାଟି ପଞ୍ଚାୟତ ଗୃହ, ପଞ୍ଚାୟତ ସୁବିଧା କେନ୍ଦ୍ର, ତୋରଣପଦାଠାରେ ମିଶନ ଶକ୍ତି ଯୋଜନାରେ ଅଙ୍ଗନୱାଡି କେନ୍ଦ୍ର ଧାନମଣ୍ଡି, ସାହାଡ଼ା ପଞ୍ଚାୟତଠାରେ ତାରିଣୀଛକରୁ ସାବରଙ୍ଗ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକକରଣ ବ୍ୟବସ୍ଥା, ସାବରଙ୍ଗ ଦ୍ୱି ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ, ବାଳିକା ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହ ଓ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରିଥିଲେ ଏମ୍‌ପି ଓ ବିଧାୟକ। ସେହିପରି ସାହାଡ଼ା ପଞ୍ଚାୟତର ହରିପୁରଠାରେ ବସୁଧା ଯୋଜନାରେ ଓଭରହେଡ୍ ଟ୍ୟାଙ୍କ, କଲ୍ୟାଣ ମଣ୍ଡପ, ମାର୍କେଟ କମ୍ପ୍ଲେକ୍ସ ଓ ପ୍ରମୋଦ ଉଦ୍ୟାନ ଉଦ୍‌ଘାଟନ କରିଥିଲେ।

ସରପଞ୍ଚ ଗଣେଶ ପ୍ରସାଦ ମଲ୍ଲିକ, ରଞ୍ଜିତା ନାୟକ, ପ୍ରମିଳା ବେହେରା, ସମିତିସଭ୍ୟା ରଞ୍ଜିତା ମହାଳିକ, ରଶ୍ମିତା ମଲ୍ଲିକ, ଶାନ୍ତିଲତା ଧୂପାଳ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ନାୟକ, କନିଷ୍ଠ ଯନ୍ତ୍ରୀ ଅକ୍ଷୟ ଘଡ଼େଇ, ସାମାଜିକ କର୍ମୀ ଟିଙ୍କୁ ମହାପାତ୍ର, ରାଜେନ୍ଦ୍ର ଦାସ, ଅକ୍ଷୟ ନାୟକ, ହୀରାଲାଲ ମୁଦୁଲି, ପ୍ରମୋଦ ବେହେରା, ବାପି ଦାସ, ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଗରସଙ୍ଗ ଭଲିବଲ ଟୁର୍ନାମେଣ୍ଟ: ବାଲେଶ୍ୱର ଚାମ୍ପିୟନ

ଖଇରା, ୬।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗର୍ସଙ୍ଗ ପଞ୍ଚାୟତ ଅଧୀନ ଜମ୍ବେଶ୍ୱର କଲେଜ ପଡିଆରେ ମଙ୍ଗଳବାର ପର୍ଶୁରାମ ପାଣିଗ୍ରାହୀ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର କୁମାର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ସୋର କେକେ କ୍ଲବ, ବାଲେଶ୍ୱର ମାରାଥନ, ଭଦ୍ରକ ସୂର୍ଯ୍ୟଶିଖା ଓ ଭୋଗରାଇ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ବାଲେଶ୍ୱର ମାରାଥନ ଟିମ୍ ଭୋଗରାଇକୁ ୨-୦ରେ ପରାସ୍ତ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲେଶ୍ୱର ଟିମ୍‌କୁ ଟ୍ରଫି ସହ ୧୦ହଜାର ଟଙ୍କା, ରନର୍ସଅପ ଭୋଗରାଇ ଟିମ୍‌କୁ କପ୍ ସହ ୮ହଜାର ଟଙ୍କା ପ୍ରଦାନ କରିଥିଲେ। ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସରପଞ୍ଚ ସସ୍ମିତା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଖୋଲିଲା ଧାନମଣ୍ଡି

ବିଶୋଇ/ବାଙ୍ଗିରିପୋଷି/ ଖୁଣ୍ଟା/କପ୍ତିପଦା,୬।୧ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ, ବାଙ୍ଗିରିପୋଷି, ଖୁଣ୍ଟା ଓ କପ୍ତିପଦା ଅଞ୍ଚଳରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବିଶୋଇ ଲ୍ୟାମ୍ପସ୍‌ରେ ବିଡ଼ିଓ ଭାଗବତ ପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବ୍ଲକ ଯୋଗାଣ ଅଧିକାରୀ ଯତୀନ କୁମାର ରାଉତ ଉପସ୍ଥିତ ଥିଲେ।

ବାଙ୍ଗିରିପୋଷି ବ୍ଲକ ଅଧୀନ ୨ଟି ଲ୍ୟାମ୍ପସ୍‌ରେ ଧାନ କିଣା ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ବାରିପଦା ସଦର ଉପ ଜିଲାପାଳ ଅନ୍ନ୍ୟା ଦାସ, ସମ୍ମାନିତ ଅତିଥି ଡିଆର୍‌ସିଏସ୍ ଦମୟନ୍ତୀ ସିଂ, ଭାରପ୍ରାପ୍ତ ସହକାରୀ ନିବନ୍ଧକ ବିଶ୍ୱ ମୋହନ ବାରିକ, ବାଙ୍ଗିରିପୋଷି ତହସିଲଦାର ସତ୍ୟବାନ ନାଏକ, ବ୍ଲକ ଯୋଗାଣ ଅଧିକାରୀ ବଳରାମ ଜେନା, ଲ୍ୟାମ୍ପ୍‌ସ ପରିଚାଳକ ନିର୍ଦ୍ଦେଶକ ଅମିତ କୁମାର ଗିରି, ଭିଏଡବ୍ଲ୍ୟୁ ଶକୁନ୍ତଳା ନାଏକ ପ୍ରମୁଖ ଉପସ୍ଥିତ ରହି ଧାନକିଣାର ଶୁଭାରମ୍ଭ କରିଥିଲେ। ସେହିପରି ଭୂଆଶୁଣି ଲ୍ୟାମ୍ପସରେ ମଧ ଧାନ କିଣା ଆରମ୍ଭ ହୋଇଛି। ଖୁଣ୍ଟା ଲ୍ୟାମ୍ପସ୍‌ରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଲ୍ୟାମ୍ପସ୍‌ର ପ୍ରଶାସକ ଅନୁରାଗ ସାହୁ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଆର୍‌ଏମ୍‌ସି କର୍ମଚାରୀ ଚିତ୍ତରଞ୍ଜନ ନାୟକ, ଲ୍ୟାମ୍ପସ୍ ଏମ୍‌ଡି ରଶ୍ମୀତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କପ୍ତିପଦା ଲ୍ୟାମ୍ପସ୍ କାର୍ଯ୍ୟାଳୟ ନିକଟରେ ଧାନମଣ୍ଡି ଖୋଲିଛି। ସମବାୟ ସମିତିର ଉପନିବନ୍ଧକ ଦମୟନ୍ତୀ ସିଂ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିବନ୍ଧକ ଶାଶ୍ୱତୀ ମହାନ୍ତି, ଉପଖଣ୍ଡ ଯୋଗାଣ ଅଧିକାରୀ କମଳାକାନ୍ତ ବେହେରା, ବ୍ଲକ ଯୋଗାଣ ଅଧିକାରୀ ଭାସ୍କର ଚନ୍ଦ୍ର ବାରିକ୍, ବିଭୂତି ଭୂଷଣ ବେହେରା, କପ୍ତିପଦା ଲ୍ୟାମ୍ପସର ଏମ୍‌ଡି ବିକାଶ ରଞ୍ଜନ ଦାସ, ଶାଖା ପରିଚାଳକ ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

ଆନନ୍ଦପୁର/ହାଟଡିହୀ, ୬।୧(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ଓ ହାଟଡିହୀ ବ୍ଲକରେ ଗୁରୁବାର କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗ ଦେଇ ବିଭିନ୍ନ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆନନ୍ଦପୁର ବ୍ଲକ ଦେଇ ଯାଇଥିବା ୨୦ ନଂ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଏବଂ ବେଲବାହାଳିର କୁଶେଇ ସେତୁ ନିର୍ମାଣ କାର୍ଯ୍ୟକୁ କେନ୍ଦ୍ର ମନ୍ତ୍ରୀ ଟୁଡୁ ସମୀକ୍ଷା କରିଛନ୍ତି। ଗୁରୁବାର ସକାଳେ କେନ୍ଦ୍ର ମନ୍ତ୍ରୀ ଜାତୀୟ ରାଜପଥର ବେଲବାହାଳି କୁଶେଇ ସେତୁ ନିକଟରେ ପହଞ୍ଚି ନିର୍ମାଣ କାର୍ଯ୍ୟକୁ ତଦାରଖ କରିଥିଲେ। ସେତୁର ଗୋଟିଏ ପାର୍ଶ୍ୱ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଅପରପାର୍ଶ୍ୱର ନିର୍ମାଣ କାର୍ଯ୍ୟ


ହାଟଡିହୀରେ ସାଳନ୍ଦୀ ସେତୁ ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ।

ଅଧପନ୍ତରିଆ ହୋଇରହିଥିଲା। ଏହାକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଥିବା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ପରେ ଅସମ୍ପୂର୍ଣ୍ଣ ରାସ୍ତାର ମରାମତି କରି ଜୁନ୍ ୨୨ ତାରିଖ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ପୃଥ୍ୱୀରାଜ କୁଅଁର, ବରିଷ୍ଠ ଭାଜପା ନେତା ମହେଶ୍ୱର ସାହୁ, ଡ. ଶମ୍ଭୁନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହାଟଡିହୀ ବ୍ଲକ ଅଧୀନ କାନପୁର ପିଡସା ପୁଟୁରା ସାଳନ୍ଦୀ ସେତୁକୁ କେନ୍ଦ୍ର ମନ୍ତ୍ରୀ ଟୁଡୁ ଉଦ୍‌ଘାଟନ କରିବାସହ ହାଟଡିହୀ ଠାରେ ଭାଜପା କାର୍ଯ୍ୟାଳୟକୁ ମଧ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ନିଜ ପେନସନ ଟଙ୍କାରେ ପୋଲ ନିର୍ମାଣ କରିଥିବା ଗଙ୍ଗାଧର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟୁଡୁଙ୍କ ସହ ବିଜୟ ରାଉତ, ଆଲୋକ ସେଠି, ବିବେକାନନ୍ଦ ରାଉତଙ୍କ ସମେତ ବହୁ କର୍ମୀ ଏବଂ ନେତା ଉପସ୍ଥିତ ଥିଲେ।

# ପ୍ରଥମ ଖବରକାଗଜ ବିକ୍ରେତାଙ୍କ ପରଲୋକ

ବାସୁଦେବପୁର,୬।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ପ୍ରଥମ ଖବରକାଗଜ ବିକ୍ରେତା, ଖବରଦାତା, ବିଶିଷ୍ଟ ସାମାଜିକ କର୍ମୀ, ସାହିତ୍ୟିକ ମନ୍ଦରଧର ମହାପାତ୍ର (୭୯)ଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକରେ ଏକ ଘରୋଇ ଡାକ୍ତରଖାନାରେ ଗୁରୁବାର ପରଲୋକ ହୋଇଛି।


ମନ୍ଦରଧର ମହାପାତ୍ର।

ବାସୁଦେବପୁର ଖବରଦାତା ସଂଘ ସଭାପତି ବନମାଳି ବାରିକ, ସମ୍ପାଦକ ନାରାୟଣ ପ୍ରସାଦ ବାରିକ, ଉପଦେଷ୍ଟା ପ୍ରହ୍ଲାଦ ବାରିକ, ନିର୍ମଳ ମଣ୍ଡଳ, ସଙ୍ଗଠନ ସମ୍ପାଦକ ଉଦୟ ଜେନା, ବରିଷ୍ଠ ଖବରଦାତା ରମାକାନ୍ତ ଡାଙ୍ଗୁଆ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ସେହିପରି ବାସୁଦେବପୁର ନ୍ୟୁଜ ଏଜେନ୍ସି ସହ ଜଡ଼ିତ ହକର ସଂଘର ସଦସ୍ୟମାନେ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ବାସୁଦେବପୁର ସହର ପରିକ୍ରମା କରାଯାଇଥିଲା। ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ଇଂ. ମାଧବ ଚନ୍ଦ୍ର ମହାନ୍ତି, ଦୁଃଶାସନ ରାଉତ, ସରପଞ୍ଚ ଦୀନବନ୍ଧୁ ଦାସ, ମାନସ ରଞ୍ଜନ ସାହୁ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସ୍ୱର୍ଗତ ମହାପାତ୍ରଙ୍କ ଗୋପିବିନ୍ଧା ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସିମୁଳିଆ ବ୍ଲକ ଅନ୍ତର୍ଗତ ଗୋପୀବିନ୍ଧା ଗ୍ରାମରେ ଶେଷକୃତ୍ୟ କରାଯାଇଛି।

# ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା


ଜିଲାପାଳ ବିନୀତ ଭରଦ୍ୱାଜ ଭୋଟର ତାଲିକା ପ୍ରକାଶ କରୁଛନ୍ତି।

ବାରିପଦା ଅଫିସ,୬।୧

ମୟୂରଭଞ୍ଜ ଜିଲାର ସମସ୍ତ ୯ଟିବିଧାନସଭା ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଫଟୋ ଭୋଟର ତାଲିକା-୨୦୨୨ ପ୍ରକାଶିତ ହୋଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଫଟୋ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି । ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରୁଦ୍ର ନାରାୟଣ ମହାନ୍ତି, ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂ, ବାରିପଦା ଉପ-ଜିଲାପାଳ ଅନ୍ୟା ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରିତା ଟୁଡୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଚୋରଙ୍କୁ ଧରି ପୋଲିସ ଜିମା

ଭଦ୍ରକ ଅଫିସ, ୬।୧

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଶ୍ୟାମପୁର ପାଇକସାହି, ମୁଲ୍ଲାସାହି ଗ୍ରାମରୁ ମୋବାଇଲ ଓ ସାଇକେଲ ଚୋରି କରୁଥିବା ବେଳେ ଦୁଇଜଣ ଯୁବକ ଗ୍ରାମବାସୀଙ୍କ ହାତରେ ଧରାପଡ଼ି ଛେଚା ଖାଇଛନ୍ତି। ଗ୍ରାମବାସୀ ଦୁଇଜଣଙ୍କୁ କାବୁ କରି ଧାମନଗର ପୋଲିସ ଜିମା ଦେଇଛନ୍ତି। ସେମାନଙ୍କଠାରୁ ବହୁ ମୋବାଇଲ ଓ କେତେକ ଚୋରି ସାମଗ୍ରୀ ଜବତ କରାଯାଇଛି। ଦୁହିଁଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ବେଳେ ସେମାନଙ୍କ ନାଁରେ ପୂର୍ବରୁ ବିଭିନ୍ନ ଚୋରି ମାମଲା ରହିଥିବା ଧାମନଗର ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ କହିଛନ୍ତି।

# ସଭାସ୍ଥଳ ଅନୁଧ୍ୟାନ କଲେ ଏମ୍‌ପି, ବିଧାୟକ

## ଗୋପୀନାଥପୁର ଷ୍ଟେଶନ ନବୀକରଣ ଶିଳାନ୍ୟାସ କରିବେ ରେଳମନ୍ତ୍ରୀ

ସଜନାଗଡ଼, ୬।୧(ଡି.ଏନ.ଏ.)

ନୀଳଗିରିକୁ ଗଡ଼ିବ ପାସେଞ୍ଜର ଟ୍ରେନ୍। ଏଥିଲାଗି ଗୋପୀନାଥ ରେଳଷ୍ଟେଶନ ନବୀକରଣ କରାଯିବ। ଶୁକ୍ରବାର ଏହି କାର୍ଯ୍ୟର ଶିଳାନ୍ୟାସ କରିବେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଗୁରୁବାର ସନ୍ଧ୍ୟାରେ ସଭାସ୍ଥଳ ନିରୀକ୍ଷଣ କରିଛନ୍ତି।

ବାଲେଶ୍ୱର ଜିଲାରୁ ନୀଳଗିରି ଗୋପୀନାଥପୁର ରେଲୱେ ସାଇଡିଂକୁ ଦୀର୍ଘବର୍ଷ ହେବ ରେଳଧାରଣା ପଡ଼ିଥିଲେ ହେଁ ପାସେଞ୍ଜର ଟ୍ରେନ ଚାଲିବାର ସ୍ୱପ୍ନ


ଏମ୍‌ପି ପ୍ରତାପ ଷଡଙ୍ଗୀ ଓ ବିଧାୟକ ସୁକାନ୍ତ ନାୟକ ସଭାସ୍ଥଳ ଅନୁଧ୍ୟାନ କରୁଛନ୍ତି।

ସାକାର ହେବାକୁ ଯାଉଛି। ଏହା ମଧ୍ୟରେ ଅନେକ କାମ ଆରମ୍ଭ ହୋଇସାରିଛି। ନୀଳଗିରିକୁ ପାସେଞ୍ଜର ଟ୍ରେନ୍ ଚଳାଚଳ ଲାଗି ବାଲେଶ୍ୱର ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଉଦ୍ୟମ କରିଥିଲେ। ତେବେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ଅପରାହ୍ନ ୧ଟା ୩୦ମିନିଟ୍‌ରେ ରେଳଷ୍ଟେଶନ ନବୀକରଣର ଶିଳାନ୍ୟାସ କରିବା ପରେ ସେଠାରେ ଏକ ଜନସଭାକୁ ସମ୍ବୋଧନ କରିବେ। କେନ୍ଦ୍ର ରେଳମନ୍ତ୍ରୀଙ୍କ ସହ ଏମ୍‌ପି ଷଡ଼ଙ୍ଗୀ, କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ, ସ୍ଥାନୀୟ ବିଧାୟକ ଇଂ. ନାୟକଙ୍କ ସମେତ ଭାଜପାର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହିବେ।

## ବଧୂ ନିର୍ଯାତନା ଅଭିଯୋଗ

ଭଣ୍ଡାରିପୋଖରୀ, (ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ଫାଣ୍ଡି ଅଧୀନ ଦେଓପଦା ଅଞ୍ଚଳରେ ଜଣେ ନବବଧୂଙ୍କୁ ଶାଶୁଘର ଲୋକେ ଅଧିକ ଯୌତୁକ ପାଇଁ ନିର୍ଯାତନା ଦେଉଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏପରିକି ସ୍ୱାମୀ, ଶାଶୁ ଓ ବଡ଼ଯାଆ ମିଶି ତାଙ୍କୁ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ ବୋଲି ମହିଳା ଜଣଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଥାନାଧିକାରୀ ଅମିତାଭ ଦାସ ଘଟଣାର ତଦନ୍ତ କରୁଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

## ସଂକ୍ଷେପରେ

### ଦୁଇଟି କରତକଳ ଉପରେ ଚଢ଼ାଉ ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ

ସଜନାଗଡ଼, ୬।୧(ଡି.ଏନ.ଏ.)-ବାଲେଶ୍ୱର ଭିଜିଲାନ୍ସ ଓ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ, ପୋଲିସ ଓ ବନବିଭାଗର ମିଳିତ ଟିମ୍ ରେମୁଣା ଥାନା ଅଧୀନ ମୟୂରଭଞ୍ଜ ସୀମାନ୍ତ ଦରକୋଇଲି ଅଞ୍ଚଳର ଦୁଇଟି ସ୍ଥାନରେ ବେଆଇନ କରତକଳ ଉପରେ ଗୁରୁବାର ଅତର୍କିତ ଚଢ଼ାଉ କରି କାଠ ସହ ଯନ୍ତ୍ରାଂଶ ଜବତ କରିଛନ୍ତି। ୫ଲକ୍ଷ ଟଙ୍କାର ଯନ୍ତ୍ରାଂଶ, ୨ଲକ୍ଷ ଟଙ୍କାର କାଠ ଶାଗୁଆନ, ନିମ୍ବ, ଆଦି କାଠ ଜବତ ହୋଇଛି। ଚୋରା ବେପାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହି ଚଢ଼ାଉରେ ବାଲେଶ୍ୱର ଭିଜିଲାନ୍ସ ଟିମ୍‌ର ତପନ କୁମାର ପରିଡ଼ା, ଶ୍ୟାମ ସିଂ, ନବ କୁମାର ଦାସ, ନୀଳଗିରି ଅତିରିକ୍ତ ତହସିଲଦାର ନିରଞ୍ଜନ ଧଳ ସାମିଲ ଥିଲେ।

### କୀଟନାଶକ ପିଇ ମହିଳା ମୃତ

ପାଟଣା, ୬।୧ (ସ୍ୱ. ପ୍ର.):କେନ୍ଦୁଝର ଜିଲା ପାଟଣା ଥାନା ଗୋଜିଟାଙ୍ଗିରୀ ଗ୍ରାମର ରୁକ୍ମିଣୀ ମୁଣ୍ଡା ବୁଧବାର ଅପରାହ୍ନରେ କୀଟନାଶକ ପିଇ ଗୁରୁତର ହୋଇଥିଲେ। ବୁଧବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ଏନେଇ ପାଟଣା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

### ଜିଲା ପରିଷଦ ସଭ୍ୟଙ୍କ ପରଲୋକ

ରେମୁଣା/ରସାଳପୁର, ୬।୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀ ସଦର ବ୍ଲକ ଅଧୀନ ୨୭ନଂ. ଜୋନ୍ ଜିଲାପରିଷଦ ସଭ୍ୟ ସୁଧାଂଶୁ ଶେଖର ପଣ୍ଡାଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଘରେ ରହି ଚିକିତ୍ସା ହେଉଥିଲେ। ତାଙ୍କ ମରଶରୀର ପ୍ରଥମେ ରେମୁଣା ଭାଜପା କାର୍ଯ୍ୟାଳୟରେ



ପହଞ୍ଚିବା ପରେ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲା କାର୍ଯ୍ୟାଳୟରେ ପହଞ୍ଚିଥିଲା। ଖାନନଗର ପଞ୍ଚାୟତ ସଭାପତି ଶୁଭେନ୍ଦୁ ଦାସ, ଯୁବନେତା ହେମନ୍ତ ସାମଲଙ୍କ ସମେତ ବହୁ ଭାଜପା କର୍ମୀ କୁରୁଡ଼ା ଛକଠାରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷଦର୍ଶନ କରିଥିଲେ। ଶେଷରେ ନିଜ ବାସଭବନ ବର୍ଦ୍ଧନପୁରରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଅନ୍ତ୍ୟେଷ୍ଟିକ୍ରିୟା ହୋଇଥିଲା। ତାଙ୍କ ମୃତ୍ୟୁ ଖବର ଶୁଣି ଦଳୀୟ କର୍ମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିବା ବେଳେ ସ୍ୱଇଚ୍ଛାରେ ଚାକିରିରୁ ଅବସର ନେଇ ଭାଜପାରେ ସାମିଲ ହୋଇଥିଲେ। ସରପଞ୍ଚ, ସମିତିସଭ୍ୟଠାରୁ ଆରମ୍ଭ କରି ଜିଲା ପରିଷଦ ପ୍ରାର୍ଥୀ ଭାବେ ସେ ଉକ୍ତ ଅଞ୍ଚଳରେ ଅପରାଜିତ ଥିଲେ। ଗତ ୨୦୧୭ରେ ୨୭ନଂ. ଜୋନ୍‌ରେ ଜିଲାପରିଷଦ ପ୍ରାର୍ଥୀ ହୋଇ ବହୁ ଭୋଟ୍‌ରେ ବିଜୟୀ ହୋଇଥିଲେ।

### ସ୍ୱାଧୀନତା ସଂଗ୍ରାମୀ ଶ୍ରୀକାନ୍ତ ନାୟକଙ୍କ ପରଲୋକ

ବାଲିଆପାଳ, ୬।୧(ସ୍ୱ.ପ୍ର.)-ବାଲିଆପାଳ ବ୍ଲକ ଡଗରା ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀକାନ୍ତ ନାୟକ(୯୮)ଙ୍କ ଗୁରୁବାର ନିଜ ବାସଭବନରେ ମୃତ୍ୟୁ ଘଟିଛି। ତାଙ୍କ ନେତୃତ୍ୱରେ ବାଲିଆପାଳ ଅଞ୍ଚଳରୁ ବହୁ ଲୋକ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସଙ୍ଗୀତ ନିର୍ଦ୍ଦେଶକ, କଳା ଓ ସଂସ୍କୃତି ପ୍ରେମୀ, ଗାନ୍ଧି ନେହେରୁ



ଆଦର୍ଶରେ ଅନୁପ୍ରାଣିତ ବ୍ୟକ୍ତି ଥିଲେ। ଭୂଦାନ ଆନ୍ଦୋଳନର କର୍ଣ୍ଣଧାର, ପରୋପକାରୀ ମେଳାପୀ ପ୍ରକୃତିର ମଣିଷ ଥିଲେ। ବାଲିଆପାଳ ବ୍ଲକ ଯୁବକଂଗ୍ରେସ ସଭାପତି ତୀର୍ଥ କୁମାର୍ ନାଗ, ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ସାହୁ ଡଗରା ପଞ୍ଚାୟତର କଂଗ୍ରେସ ସଭାପତି ଗଣପତି ଜେନା ପୂର୍ବତନ ସମିତି ସଭ୍ୟ ସୁଧାଂଶୁ ମାଝି ସରୋଜ ସାହୁ, ମନୋଜ ଦତ୍ତ, ମନୋଜ ଦାସ ପୂର୍ବତନ ସରପଞ୍ଚ ରମେଶ ଖଟୁଆ ପ୍ରମୁଖ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ।

# ଉଚ୍ଛେଦ ନୋଟିସ୍‌କୁ ବସ୍ତିବାସିନ୍ଦାଙ୍କ ବିରୋଧ

**ବାଲେଶ୍ୱର ଅଫିସ, ୬।୧**

ବାଲେଶ୍ୱର ରେଳଷ୍ଟେଶନ ପାର୍ଶ୍ୱସ୍ଥ ଗୋଧିବସା ବସ୍ତି ଅଞ୍ଚଳର ୧୨ଶହରୁ ଊର୍ଦ୍ଧ୍ୱ ପରିବାରଙ୍କୁ ରେଳବାଇ ପକ୍ଷରୁ ଉଚ୍ଛେଦ ନୋଟିସ୍ ଦିଆଯାଇଛି। ଦୀର୍ଘବର୍ଷ ଧରି ସରକାରୀ ସୁବିଧା ସୁଯୋଗ ପାଇ ଆସୁଥିବା ବସ୍ତିବାସିନ୍ଦାଙ୍କୁ ଅନ୍ୟତ୍ର ଥଇଥାନ କରା ନ ଯାଇ ଉଚ୍ଛେଦ ନୋଟିସ୍ ଦିଆଯାଇଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ଏହାର ପ୍ରତିବାଦ କରି ବୁଧବାର ବସ୍ତିବାସିନ୍ଦା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନ ବେଳେ ବସ୍ତିବାସିନ୍ଦାଙ୍କ ସହ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ବିଧାୟକ ସ୍ୱରୂପ ଦାସ ପହଞ୍ଚି ଆଲୋଚନା କରୁଥିବା ବେଳେ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନ ପାଇବାରୁ ବାସହରା ହୋଇଯିବା ଆଶଙ୍କା କରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଗୋଧିବସା ଅଞ୍ଚଳର ଶଙ୍କର୍ଷଣ ରାଉତ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବିଳମ୍ବିତ ରାତିରେ କଟକ ସ୍ଥାନାନ୍ତର କରାଯାଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଥଇଥାନ ପୂର୍ବରୁ ଉଚ୍ଛେଦକୁ ବିରୋଧ କରିବା ପାଇଁ ବସ୍ତିବାସିନ୍ଦା ଏକାଠି ହେଉଥିବା ସ୍ଥାନୀୟ ଅଞ୍ଚଳର ଗୋପାଳ ଥାପ୍ପା କହିଛନ୍ତି।

ଭାସ୍କରଗଞ୍ଜ ମୌଜାର ୧୧ ଏକର ଜାଗାରେ ଥିବା ଏହି ବସ୍ତିରେ ଲୋକମାନେ ଦୀର୍ଘ ୬୦ରୁ ଅଧିକ ବର୍ଷ ଧରି ରହିଆସୁଛନ୍ତି। ଓଡ଼ିଶା ବସ୍ତିବାସିନ୍ଦା ଭୂମି ଅଧିକାର ଅଧିନିୟମ ୨୦୧୭ ଓ ନିୟମ ସର୍ତ୍ତାବଳୀ ଅନୁସାରେ ପୌର ପରିଷଦ ସେମାନଙ୍କ ବସ୍ତିରେ 'ଉଷା ସର୍ଭେ' କରି ସେମାନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରିଛି। ସେମାନଙ୍କୁ ପୌରାଞ୍ଚଳ ପକ୍ଷରୁ ଭୋଟର, ଆଧାରକାର୍ଡ଼ ସହ ରାଶନକାର୍ଡ଼, ପାନୀୟଜଳ ଯୋଗାଣ, ବିଦ୍ୟୁତୀକରଣ, ଅଙ୍ଗନୱାଡ଼ି କେନ୍ଦ୍ର ଭଳି ସୁବିଧା ସୁଯୋଗ ମିଳିଛି। ଉକ୍ତ ଜମିଗୁଡ଼ିକ ରେଳବାଇର ହୋଇଥିବାରୁ ବାଲେଶ୍ୱର ରେଳଷ୍ଟେଶନର ଆଧୁନିକୀକରଣ ପାଇଁ

### ମିଳିଛି ଯୋଗ୍ୟତା ପ୍ରମାଣପତ୍ର, ମିଳୁନି ଜମି

■ଜିଲାପାଳଙ୍କ ଅଫିସ ପରିସରରେ ଆତ୍ମହତ୍ୟା ଉଦ୍ୟମ



ଗୋଧିବସା ବସ୍ତିବାସିନ୍ଦା।

ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ନିମନ୍ତେ ନୋଟିସ୍ ଦିଆଯାଇଛି। ଏହାପରେ ବସ୍ତିବାସିନ୍ଦାଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। କିନ୍ତୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ କୌଣସି ଜମି ଚିହ୍ନଟ କରି ଦିଆଯାଇ ନ ଥିବାରୁ ଉଚ୍ଛେଦ ପରେ ସେମାନେ କେଉଁଠି ରହିବେ ସେନେଇ ଜିଲାପାଳ, ପୌରାଞ୍ଚଳ ଅଧିକାରୀଙ୍କଠାରେ ବାରମ୍ବାର ଲିଖିତ ଭାବେ ଅଭିଯୋଗ ଜଣାଇଛନ୍ତି। ଏନେଇ ବିଧାୟକ ଦାସ କହିଛନ୍ତି, 'ଉଷା ସର୍ଭେ' ମାଧ୍ୟମରେ ପୌରାଞ୍ଚଳ ପକ୍ଷରୁ ସେମାନଙ୍କୁ ସର୍ଭେ ସରିଛି। ପାଖାପାଖି ୧୨ଶହ ପରିବାରଙ୍କୁ ଚିହ୍ନଟ କରାଯାଇଛି। କେତେକ ଯୋଗ୍ୟତା ପ୍ରମାଣପତ୍ର ପାଇଥିବା ବେଳେ ଅନ୍ୟ କେତେକ ବଞ୍ଚିତ ଅଛନ୍ତି। ସମସ୍ତଙ୍କୁ ଜମି ଯୋଗାଇବାକୁ ହେଲେ ୪୦ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିର ଆବଶ୍ୟକତା ରହିଛି। ପ୍ରଶାସନ ସହ ଆଲୋଚନା କରି ସରକାରୀ ଜମି ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହର ବସ୍ତି ଯୋଜନାରେ ସେମାନଙ୍କ ପାଇଁ ଘର, ଶୌଚାଳୟ, ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣ ସହ ଶିକ୍ଷା ବ୍ୟବସ୍ଥାରେ ଅଙ୍ଗନୱାଡ଼ି ଓ ପ୍ରାଥମିକ ବିଦ୍ୟାଳୟ କରାଯାଇ ସେମାନଙ୍କୁ ଥଇଥାନ କରାଯିବ। ପଞ୍ଚାୟତ ନିର୍ବାଚନ ପରେ ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ବର୍ତ୍ତମାନ ସମୟରେ ରେଳବାଇ ସହ ଆଲୋଚନା କରି ଅତ୍ୟନ୍ତ ଆବଶ୍ୟକ ଥିବା ସ୍ଥାନଗୁଡିକରୁ ଲୋକଙ୍କୁ ହଟାଯାଇ ସେମାନଙ୍କୁ ଥଇଥାନ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ଚେଷ୍ଟା କରାଯିବ ବୋଲି ପ୍ରକାଶ କରିଛନ୍ତି।

## ବିଜେଡି ପକ୍ଷରୁ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀ ଚୟନ

**ଢେଙ୍କିକୋଟ, ୬।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନମଣ୍ଡଳୀ ଘଟଗାଁ ବ୍ଲକ ମୁକ୍ତାପୁରରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଗୁରୁବାର ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ଚୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଡଳଙ୍ଗପାଣି ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡିର ମୁକ୍ତାପୁର ପଞ୍ଚାୟତ ପ୍ରଭାରୀ ଦିଗାମ୍ବର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ମୁଖ୍ୟବକ୍ତା ଭାବେ ଘଟଗାଁ ବ୍ଲକ ବିଜେଡି ସଭାପତି ଦୋଳଗୋବିନ୍ଦ ବେହେରା, ଜିଲା ମହିଳା ଉପସଭାପତି ରଞ୍ଜିତା ରାଉତ, ଜିଲା ଯୁବ ବିଜୁ ଜନତା ଦଳ ଉପସଭାପତି ସେକ ଇମ୍ରାନ, ସକ୍ରିୟ ସଂଗଠକ ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ଭାବେ ବିଜେଡି ପକ୍ଷରୁ ନିରୁପମା ନାୟକ ଏବଂ ସମିତି ସଭ୍ୟ ଭାବେ ତିଳୋତ୍ତମା ମହାନ୍ତଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା।

## ଗୋଟିଏ ରାତିରେ ଦୁଇଟି ଚୋରି

**ଯୋଡ଼ା,୬।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ମଙ୍ଗଳବାର ରାତିରେ ଦୁଇଟି ଚୋରି ହୋଇଛି। ଯୋଡ଼ା ସ୍ଥିତ ସେଣ୍ଟ୍ରାଲ ହସ୍ପିଟାଲ ନିକଟରେ ଦୋକାନ କରିଥିବା ମୌନାବତୀ ପାତ୍ରଙ୍କ ଦୋକାନରୁ କବାଟ ଭାଙ୍ଗି ଚୋରମାନେ ଜିନିଷପତ୍ର ଲୁଟି ନେଇଛନ୍ତି। ସେହିପରି ଆଜାଦ ବସ୍ତି ଅଞ୍ଚଳର ଦେବାଶିଷ ପରିଡ଼ାଙ୍କ ଘରେ କବାଟ ଭାଙ୍ଗି ଚୋରମାନେ ପଶି ନଗଦ ଟଙ୍କା, କ୍ୟାମେରା, ଲାପଟପ ଚୋରି କରିନେଇଛନ୍ତି। ଉଭୟଙ୍କ ପକ୍ଷରୁ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଗତ କିଛି ମାସ ମଧ୍ୟରେ ଚୋରି ଘଟଣା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ପୋଲିସର ପାଟ୍ରୋଲିଂ କଡ଼ାକଡ଼ି ନ ହେବାରୁ ଅପରାଧ ବୃଦ୍ଧି ପାଉଥିବା ଚର୍ଚ୍ଚା ହେଉଛି।

# ପୁରାତନ ଛାତ୍ରଙ୍କ 'ଆମ ପାଠାଗାର'



ପାଠାଗାର ଉନ୍ମୋଚନ ଅବସରରେ ଉପସ୍ଥିତ ପୁରାତନ ଛାତ୍ର।

**ସିମୁଳିଆ, ୬।୧(ଡି.ଏନ.ଏ.)**

ଶିକ୍ଷାର୍ଥୀମାନଙ୍କ ଜ୍ଞାନ ପରିଧିର ବିକାଶ ପାଇଁ ପୁରାତନ ଛାତ୍ରମାନଙ୍କ ଉଦ୍ୟମରେ ମାର୍କୋଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଆମ ପାଠାଗାର' ଖୋଲାଯାଇଛି। ମୋ ସ୍କୁଲ ଯୋଜନାରେ ପୁରାତନ ଛାତ୍ରମାନଙ୍କ ଅନୁଦାନରେ ୨୫ଶହ ପୁସ୍ତକ ସଂଗ୍ରହ କରାଯାଇଛି। ଏହି ପୁସ୍ତକାଗାରରେ ବିଭିନ୍ନ ମହାପୁରୁଷ, ସାହିତ୍ୟିକମାନଙ୍କ ଗଳ୍ପ, ଜୀବନୀ ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ପାଠ୍ୟପୁସ୍ତକ ସଂରକ୍ଷିତ ରହିଛି। ଏହି ଅବସରରେ ଗୁରୁବାର ଅନୁଷ୍ଠିତ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତଃ କୃଷ୍ଣଚନ୍ଦ୍ର ବୋଇତି, ହରିହର ବୋଇତି ଓ କରୁଣାକର ବୋଇତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବୃକ୍ଷରୋପଣ ଓ ପାଠାଗାର ଉନ୍ମୋଚିତ ହୋଇଥିଲା।

ମୁଖ୍ୟଅତିଥି ଭାବେ ସିମୁଳିଆ ବ୍ଲକର ଏବିଇଓ ଗଦାଧର ଦାସ ଓ ଲମ୍ବୋଦର ସିଂ ଫିତାକାଟି ପାଠାଗାର ଉନ୍ମୋଚନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା ପୁସ୍ତକ ଜ୍ଞାନର ଭଣ୍ଡାର। ଯିଏ ଯେତେ ପୁସ୍ତକ ପଢ଼ିଛନ୍ତି ତାଙ୍କ ଜ୍ଞାନ ସେତେ ଅଧିକ ବୋଲି ସେ କହିଥିଲେ। ସେହିପରି ପୁରାତନ ଛାତ୍ର ସଂସଦର ସମ୍ପାଦକ କବି କଥାକାର ସୂର୍ଯ୍ୟମଣୀ ବୋଇତି ବିଭିନ୍ନ ସାହିତ୍ୟିକଙ୍କ ଦ୍ୱାରା ରଚିତ ତଥ୍ୟକୁ ଗଳ୍ପ ମାଧ୍ୟମରେ ସୂଚନା ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଛାତ୍ର ସଂସଦର ସଭାପତି ବନମାଳୀ ବିଶ୍ୱାଳ, ସିଆର୍‌ସିସି ରତ୍ନାକର ବାରିକ, ପୂର୍ବତନ ସିଆର୍‌ସିସି ଶିବପ୍ରସାଦ ପଣ୍ଡା, ଅତିଥି ଶିକ୍ଷକ ନିଶାକର ବେହେରା ପ୍ରମୁଖ ପାଠାଗାର ଉପଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷକ ମଙ୍ଗୁଳି ଚରଣ ଗାହାଣ ବିବରଣୀ ପାଠ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବୋଇତି ଅତିଥି ପରିଚୟ ଓ ପୁରାତନ ଛାତ୍ର ସ୍ୱପ୍ନାଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଝରରେ ଏସାର କରିବ ପରିବେଶ ଅନୁକୂଳ ପ୍ଲାଣ୍ଟ

**କେନ୍ଦୁଝର, ୬।୧(ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ବହୁରାଷ୍ଟ୍ରୀୟ କମ୍ପାନୀ ଏସାର ଷ୍ଟିଲ, ଦୁଇ ହଜାର କୋଟି ଟଙ୍କା ମୂଲ୍ୟର ଏକ ପରିବେଶ ଅନୁକୂଳ ପ୍ଲାଣ୍ଟ କରିବାକୁ ପ୍ରସ୍ତାବ ଚୂଡ଼ାନ୍ତ ହୋଇଥିବା ଜଣାପଡିଛି। ଏଥିପାଇଁ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଘରୋଇ ଜମିକୁ ଛାଡି କେବଳ ସରକାରୀ ଜମିରେ ଏହି ବେନିଫିକେଶନ କାରଖାନା ପ୍ରତିଷ୍ଠା ହେବ ବୋଲି ଏସାର ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ଉକ୍ତ କାରଖାନା ପାଇଁ ୧୪୩ ଏକର ଜମି ଆବଶ୍ୟକ ହେଉଥିବାବେଳେ ସବୁଠାରୁ ବଡ କଥା ହେଉଛି କୌଣସି ଘରୋଇ ବା ବ୍ୟକ୍ତିଗତ ଜମିକୁ ଅଧିଗ୍ରହଣ ନ କରି କେବଳ ସରକାରୀ ଜମିରେ ଏହି କାରଖାନା ପ୍ରତିଷ୍ଠା ହେବ। ଏଥିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୩୦୦ଜଣ ନିଯୁକ୍ତି ପାଇବେ ବୋଲି ଜଣାପଡିଛି । ଏହି କାରଖାନା ଏକ ପରିବେଶୀୟ ଅନୁକୂଳ ପ୍ଲାଣ୍ଟ ହେବ ବୋଲି ମଧ୍ୟ ସରକାରଙ୍କ ସହ ରାଜିନାମା କରିଥିବା ଜଣାପଡିଛି କେନ୍ଦୁଝରରେ ହେବାକୁ ଥିବା ବେନିଫିକେଶନ ପ୍ଲାଣ୍ଟରେ ସାମାଜିକ, ଆର୍ଥିକ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଉକ୍ତ କମ୍ପାନୀ କାର୍ଯ୍ୟ କରିବ। କେନ୍ଦୁଝର ଜିଲାର ସଦର ବ୍ଲକ ଅନ୍ତର୍ଗତ ଟିକରପଡା ଓ କାଦଗଡା ଗ୍ରାମ ନିକଟରେ ଏହା ପ୍ରତିଷ୍ଠା ହେବ ବୋଲି ସୂଚନା ମିଳିଛି।

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା




ବାଲିଆପାଳ ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇଛି

**ବାଲିଆପଳ, ୬।୧(ସ୍ୱ.ପ୍ର.)**

### ବାଲିଆପାଳ ବ୍ଲକରେ ଦୁର୍ନୀତି ସୀମା ଟପିଛି

ବାଲିଆପାଳ ବ୍ଲକରେ ଦୁର୍ନୀତି ସୀମା ଟପି ଗଲାଣି। ବିଭିନ୍ନ ବିଭାଗରେ ଦୁର୍ନୀତି ବଢ଼ି ବଢ଼ି ଚାଲିଛି। ଏହାର ପର୍ଦ୍ଦାଫାସ କରିବା ପାଇଁ ସୂଚନା ଅଧିକାର ଅଭିଯାନ ସଂଘ ବ୍ଲକ ପ୍ରଶାସନକୁ ମାଗିଥିଲା। ବ୍ଲକ ପ୍ରଶାସନ ସୂଚନା ପ୍ରଦାନ ନ କରିବାରୁ ଏହାର ପ୍ରତିବାଦ କରି ସୂଚନା ଅଧିକାର ଅଭିଯାନର ସଭାପତି ଅନୁଜ ମହାପାତ୍ରଙ୍କ ନେତୃତ୍ୱରେ ଗୁରୁବାର ବାଲିଆପାଳ ବ୍ଲକ ସମ୍ମୁଖରେ ସୂଚନା ଅଧିକାର ଅଭିଯାନ ସଂଘର ସଦସ୍ୟମାନେ ଗଣଧାରଣାରେ ବସିଛନ୍ତି। ଏହାର ତଦନ୍ତ କରା ନ ଗଲେ ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘର ସଭାପତି ଚେତାବନୀ ଦେଇଛନ୍ତି। ଧାରଣାରେ ସଂଘର ଉପଦେଷ୍ଟା କୁଶଧ୍ୱଜ ଜେନା, ଶରତ କୁମାର ପାତ୍ର, ଗୋପୀନାଥ ଗଙ୍ଗାଇ, ବଳରାମ ବେହେରା, ବିଜୟ ମାହାନା, ଗଜେନ୍ଦ୍ର ନାଥ ଜେନ, ଚିତ୍ତରଞ୍ଜନ ଜେନା ଓ ଅକ୍ଷୟ ଦାସ ପ୍ରମୁଖ ସାମିଲ ଥିଲେ।

## ପଦାରେ ପଡ଼ିଲା ବିଜେଡି ଗୋଷ୍ଠୀ କନ୍ଦଳ

**ରସାଳପୁର,୬।୧(ଡି.ଏନ.ଏ.)**

ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସରକାରୀ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ସବୁ ରାଜନୈତିକ ଦଳ ମଧ୍ୟ ପ୍ରାର୍ଥୀ ଚୟନ ପାଇଁ ଅଙ୍କ କଷା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତରେ ପ୍ରାର୍ଥୀ ହେବା ପାଇଁ ଲବି ମଧ୍ୟ ଜୋର ଧରିଛି। ତେବେ ସଦର ବ୍ଲକ ଖାନନଗର ପଞ୍ଚାୟତର ବିଜେଡି କନ୍ଦଳ ପଦାରେ ପଡ଼ିଛି। ଉକ୍ତ ଦଳର ୨ଜଣଙ୍କ ମଧ୍ୟରେ ସରପଞ୍ଚ ପ୍ରାର୍ଥୀ ହେବା ପାଇଁ ଟଣାଓଟରା ଚାଲିଥିବା ବେଳେ ନିଜ ନିଜ ସପକ୍ଷରେ ମଧ୍ୟ ପ୍ରଚାର ଆରମ୍ଭ କରିଛନ୍ତି। ତେବେ ବୁଧବାର ରାତିରେ ଗୋଟିଏ ଗୋଷ୍ଠୀ ପ୍ରଚାର ନିମନ୍ତେ ଖାନନଗର ଗ୍ରାମକୁ ଯାଇଥିବା ବେଳେ ଆଉ ଗୋଟିଏ ଗୋଷ୍ଠୀ ସେମାନଙ୍କୁ ବିରୋଧ କରିବାରୁ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ଉଭୟ ଗୋଷ୍ଠୀ ଛତ୍ରଭଙ୍ଗ ଦେଇଥିବା ଦେଖିବାକୁ ମିଳିଥିଲା।

## ଦୁର୍ଘଟଣାରେ ଜଣେ ମୃତ

# ପ୍ରତିବାଦରେ ରାସ୍ତା ଅବରୋଧ

**ଜଳେଶ୍ୱର, ୬।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥର ତାଳବଣିଆର ଅନତି ଦୂରରେ ଗୁରୁବାର ପିକ୍‌ଅପ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ପଶ୍ଚିମବଙ୍ଗ ନନ୍ଦିଗ୍ରାମ ଅଞ୍ଚଳର ରହିମ୍ ଖାଁ (୨୨)। ଦୁର୍ଘଟଣାରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ପ୍ରତିବାଦ କରି ଉତ୍ତେଜନା ସୃଷ୍ଟି କରିବା ସହ ରାସ୍ତା ଅବରୋଧ କରିଥିଲେ। କମର୍ଦ୍ଧାରେ ରହି ଟାଇଲମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ରହିମ୍ ଖାଁ ଅନ୍ୟ ଜଣଙ୍କୁ ବାଇକ୍‌ରେ ନେଇ ଜଳେଶ୍ୱର ଅଭିମୁଖେ ଯାଉଥିଲେ। ପିକଅପ୍ ଧକ୍କାରେ ରହିମଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଆହତ ବ୍ୟକ୍ତିଙ୍କୁ ପ୍ରଥମେ ଜିକେଭଟ୍ଟର ହସ୍‌ପିଟାଲ ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ରାସ୍ତାରେ ବେପରୁଆ ଗାଡିଚାଳନା ଯୋଗୁ ସାଧାରଣ ଲୋକେ ଉତ୍ତେଜିତ ହୋଇ ରାସ୍ତା ଅବରୋଧ କରିଥିଲେ। ପରେ କେତେକ ନେତୃସ୍ଥାନୀୟ ବ୍ୟକ୍ତି ଓ ନାମ୍ପୋ ଏଏସ୍‌ଆଇ ଘଟଣାସ୍ଥଳରେ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ୫୫୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**ଭୋଗରାଇ, ୬।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚନ୍ଦନେଶ୍ୱର-ଦୀଘା ରାସ୍ତାରେ ଗୁରୁବାର ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଯୁବକଙ୍କଠାରୁ ୫୫୦ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରାଯାଇଛି। ଉକ୍ତ ଯୁବକ ହେଲେ ପଶ୍ଚିମବଙ୍ଗ ବୀରଭୂମ ଜିଲା ପାଇକର ଥାନା ଭାଗାଇଲ ଗ୍ରାମର ମଇନୁଦ୍ଦିନ ଶେଖ(୪୬)। ତାଙ୍କୁ ଗିରଫ କରାଯାଇ ପଚରାଉଚୁରା କରାଯାଉଛି।

ବ୍ରାଉନ୍‌ସୁଗାର ବେପାରୀ ଦୀଘା, ଉଦୟପୁର, ତାଳସାରୀ, ଚନ୍ଦନେଶ୍ୱର ଅଞ୍ଚଳରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ବେଳେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଅବକାରୀ ବିଭାଗର ଜିଲା ଡେପୁଟି କମିଶନର ଅଶୋକ କୁମାର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଭୋଗରାଇ ଅବକାରୀ ଥାନା ଓଇଆସି ଦେବେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ଏଏସ୍‌ଆଇ ମଙ୍ଗଳ କୁମାର ସିଂ, କନଷ୍ଟେବଳ ରାଜୀବ କୁମାର ଭଞ୍ଜ, ରାମଚନ୍ଦ୍ର ମହାନ୍ତି, ଶଶିକାନ୍ତ ସାହୁ, କୁମୁଦିନୀ ସୋ, ସୁବ୍ରତ ଜେନା ୫ଜଣିଆ ଟିମ୍ ଚଢ଼ାଉରେ ସାମିଲ୍ ଥିଲେ।

## ଚୋରି କରି ଛେଚା ଖାଇଲେ ସରକାରୀ କର୍ମଚାରୀ

**ସୋର, ୬।୧(ଡି.ଏନ୍.ଏ.)**

ସୋର ବ୍ଲକରେ ଜଣେ ୪ର୍ଥଶ୍ରେଣୀ କର୍ମଚାରୀ ବୁଧବାର ବିଳମ୍ବିତ ରାତିରେ ଜଣଙ୍କ ଘରୁ ନଳକୂପ ପାଇପ୍ ଚୋରି ଗୁରୁବାର ଅନ୍ୟତ୍ର ବିକିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡି ଛେଚା ଖାଇଛନ୍ତି। ପରେ ଲୋକେ ତାଙ୍କୁ ଖୁଣ୍ଟରେ ବାନ୍ଧି ବେକରେ ମେଡାଲ ଝୁଲାଇ ସ୍ଥାନୀୟ ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

# 'ସପ୍ତାହକ ମଧ୍ୟରେ ଡାକ୍ତରଖାନା କାର୍ଯ୍ୟକ୍ଷମ କର'

### ଓମିକ୍ରନ୍ ମୁକାବିଲା ନେଇ ଜିଲା ପ୍ରଶାସନର ପ୍ରସ୍ତୁତି

**ବାରିପଦା ଅଫିସ,୬।୧**

କୋଭିଡ-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ଓ ନିରାକରଣ ପାଇଁ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଆକ୍ରାନ୍ତଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପ୍ରସ୍ତୁତ ହୋଇଥିବା ପିଆର୍‌ଏମ୍ ମେଡିକାଲ କଲେଜ ଓ ଡାକ୍ତରଖାନାକୁ ଗୁରୁବାର ଜିଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ପ୍ରକାଶ ଚନ୍ଦ୍ର ବେହେରା, ଉପଜିଲାପାଳ ଅନ୍ୟା ଦାସ ପରିଦର୍ଶନ କରିଥିଲେ। ପିଆର୍‌ଏମ୍ ମେଡିକାଲ କଲେଜ ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ୧୮୦ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର




ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟ ଅଧିକାରୀମାନେ ଡାକ୍ତରଖାନା ବୁଲି ଦେଖୁଛନ୍ତି।

କୋଭିଡ୍ ୱାର୍ଡ, ୨୦ଶଯ୍ୟା ବିଶିଷ୍ଟ ଆଇସିୟୁ, ୧୦ଶଯ୍ୟା ବିଶିଷ୍ଟ ଏଚ୍‌ଡିୟୁ ଓ ଅକ୍ସିଜେନ ପ୍ଲାଣ୍ଟ ବୁଲି ସ୍ଥିତି ପରଖିଥିଲେ। ସପ୍ତାହକ ମଧ୍ୟରେ କୋଭିଡ୍ ଡାକ୍ତରଖାନାଗୁଡ଼ିକ କାର୍ଯ୍ୟକ୍ଷମ କରିବା ସହ ଉପଖଣ୍ଡରେ ଥିବା କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲାର କୃଷ୍ଣଚନ୍ଦ୍ରପୁରଠାରେ ଥିବା ୮୦ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟରକୁ ପୁନର୍ବାର ପ୍ରସ୍ତୁତ କରିବାକୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ ପତି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରୂପଭାନୁ ମିଶ୍ର, ଜିଲା କୋଭିଡ୍ ପରିଚାଳକ ଡା. ଜ୍ଞାନେନ୍ଦ୍ର ମହାନ୍ତ, ପିଆର୍‌ଏମ୍ ମେଡିକାଲ ଅଧ୍ୟକ୍ଷା ଡା.ପ୍ରତିଭା ପଣ୍ଡା, ମ୍ୟାନେଜର ସମୀର ରଞ୍ଜନ ମହାପାତ୍ର, ବିନୋଦିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

